# NATIONAL NEWS BULLETIN (ODIA)

## 11 November - 2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ବିହାରରେ ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଆରମ୍ଭ ହୋଇଛି ମତଦାନ ।

– ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଉପନିର୍ବାଚନ ଲାଗି ମଧ୍ୟ ଚାଲିଛି ଭୋଟ୍ ଗ୍ରହଣ ।

- ଆଙ୍ଗୋଲାର ୫୦ତମ ସ୍ୱାଧୀନତା ଦିବସ ସମାରୋହରେ ଆଜି ଯୋଗଦେବେ ରାଷ୍ଟ୍ରପତି ।
- ଭୁଟାନ୍‌କୁ ଆଜିଠାରୁ ଦୁଇ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣା ପରିପ୍ରେକ୍ଷୀରେ ଆଜି ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

# ବିହାର-ପୋଲ୍ସ

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ମତଦାନ ଅଳ୍ପ ସମୟ ପୂର୍ବରୁ ଆରମ୍ଭ ହୋଇଛି । ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଏହି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯାଉଛି ।

ଏହି ପର୍ଯ୍ୟାୟରେ ୩ କୋଟି ୭୦ଲକ୍ଷରୁ ଅଧିକ ମତଦାତା ୧ହଜାର ୩୦୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ୧୩୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷାଗତ କାରଣରୁ ଗୟା, ଔରଙ୍ଗାବାଦ, ବାଙ୍କା ଏବଂ ରୋହସତ୍ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧ ହଜାର ୨୦୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ  ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ । ୪୫ ହଜାରରୁ ଅଧିକ ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା ହୋଇଛି। ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୫୯୫ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ କେବଳ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ୨୧ଟି ବୁଥ୍ ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ୩୧୬ଟି ଆଦର୍ଶ ପୁଲିଂ ବୁଥ୍ ପ୍ରତିଷ୍ଠା କରାଯାଇଛି ।

ପୁଲିସ୍ ମହାନିର୍ଦ୍ଦେଶକ ବିନୟ କୁମାର କହିଛନ୍ତି, ସୁରକ୍ଷା ଦୃଷ୍ଟିକୋଣରୁ ନେପାଳ ସୀମା ଏବଂ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସହିତ ରହିଥିବା ଆନ୍ତଃ ରାଜ୍ୟ ସୀମାକୁ ସିଲ୍ କରାଯାଇଛି । ନିୟମିତ ପେଟ୍ରୋଲିଂ ବ୍ୟବସ୍ଥା ଜାରି କରାଯାଇଛି । ଜୟନଗର, ମଧୁବନୀ ଏବଂ ନେପାଳର

ଜନକପୁର ମଧ୍ୟରେ ମୈତ୍ରୀ ଏକ୍ସପ୍ରେସ୍ ଟ୍ରେନ୍ ସେବାକୁ ମତଦାନ ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଅତ୍ୟାଧୁନିକ ନିୟନ୍ତ୍ରଣ ଏବଂ ତଦାରଖ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାଖାପାଖି ୬୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଆସନ୍ତା ୧୪ ତାରିଖରେ ଦୁଇ ପର୍ଯ୍ୟାୟର ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ବାଇ-ଇଲେକ୍ସନ

ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଲାଗି ମଧ୍ୟ ଭୋଟଗ୍ରହଣ ଆରମ୍ଭ ହୋଇଛି । ଅନ୍ୟ ରାଜ୍ୟର ନିର୍ବାଚନମଣ୍ଡଳୀ ଗୁଡ଼ିକ ହେଲା–ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନାର ଆଣ୍ଟା, ଝଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା । ଉପନିର୍ବାଚନର ଫଳାଫଳ ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି ସହ ପ୍ରକାଶ ପାଇବ ।

## ପ୍ରେସିଡେଣ୍ଟ-ଆଙ୍ଗୋଲା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଲୁଆଣ୍ଡାରେ ଆଙ୍ଗୋଲାର ୫୦ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ । ଗତ ମେ ମାସରେ

ଆଙ୍ଗୋଲାର ରାଷ୍ଟ୍ରପତି ଜୋଆଓ ଲୋରେନ୍ସକୋଙ୍କ ଭାରତ ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁଙ୍କୁ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ । ଗତକାଲି ଆଙ୍ଗୋଲା ସଂସଦକୁ ସମ୍ବୋଧନ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଭାରତ ଆଙ୍ଗୋଲାର ସ୍ୱାଧୀନତା ସଂଗ୍ରାମକୁ ନିରନ୍ତର ଭାବେ ସମର୍ଥନ ପ୍ରଦାନ କରି ଆସିଥିଲା ।

ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ସେଠାକାର ପ୍ରବାସୀ ଭାରତୀୟଙ୍କ ସହ ଭାବ ବିନିମୟ କରିଛନ୍ତି । ସେ କହିଛନ୍ତି, ପ୍ରାୟ ୮ ହଜାର ସଶକ୍ତ ପ୍ରବାସୀ ଭାରତୀୟ ଆଙ୍ଗୋଲାର ଆର୍ଥିକ ପ୍ରଗତୀରେ ସକାରାତ୍ମକ ଅବଦାନ ପ୍ରଦାନ କରୁଛନ୍ତି । ଭାରତରେ ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ବ୍ୟାପକ ସଂସ୍କାର ପଦକ୍ଷେପରେ ପ୍ରବାସୀ ଭାରତୀୟ ଅବିଚ୍ଛେଦ୍ୟ ଅଂଶ ବୋଲି ରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି । ଭାରତ ଏବଂ ଆଙ୍ଗୋଲା ମଧ୍ୟରେ ବାଣିଜ୍ୟ ନିବେଶ ଓ ଲୋକସମ୍ପର୍କ ବୃଦ୍ଧି ଦିଗରେ ବ୍ୟାପକ ସୁଯୋଗ ଉପରେ ଆଲୋକପାତ କରି ରାଷ୍ଟ୍ରପତି ଏ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ ଦେଇଛନ୍ତି । ଆଙ୍ଗୋଲାରେ ଭାରତୀୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ଦେଶ ପ୍ରତି ସେମାନଙ୍କର ସମ୍ମାନ ଏବଂ ପ୍ରୀତିକୁ ପ୍ରତିଫଳନ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି । **V/O**

ରାଷ୍ଟ୍ରପତି ମୁର୍ମୁ ଆଜି ଆଙ୍ଗୋଲା ଗସ୍ତ ଶେଷ କରି ବୋତ୍ସ୍ୱାନାକୁ ଯିବେ । ୧୩ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ତାଙ୍କ ବୋତ୍ସ୍ୱାନା ପ୍ରତିପକ୍ଷ ଡୁମା ବୋକୋଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ ।

# ପିଏମ୍‌-ଭୁଟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଭୁଟାନ୍‌କୁ ଦୁଇ ଦିନିଆ ଗସ୍ତରେ ଯାଉଛନ୍ତି । ଭାରତ ଓ ଭୁଟାନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗ ଏବଂ ସ୍ୱତନ୍ତ୍ର ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଓ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ଓ୍ୱାଙ୍ଗ୍‌ଚୁକ୍’ ୧ ହଜାର ୨୦ ମେଗାଓ୍ୱାଟ୍ ବିଶିଷ୍ଟ ପୁନତ୍‌ସାଞ୍ଛୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଥିମ୍ପୁ ଠାରେ ବିଶ୍ୱଶାନ୍ତି ପ୍ରାର୍ଥନା ମହୋତ୍ସବରେ ଅଂଶଗ୍ରହଣ କରିବେ ।

# ଦିଲ୍ଲୀ-ବ୍ଲାଷ୍ଟ

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ଗତ ସନ୍ଧ୍ୟାରେ ଏକ କାର୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟିବାରୁ ୮ ଜଣଙ୍କର ମୃତ୍ୟୁ ହୋଇଛି । ବହୁ ଲୋକ ଆହତ ହୋଇଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଟ୍ରାଫିକ୍ ସିଗ୍‌ନାଲ୍ ପାଖରେ ଘଟିଥିବା ଏହି କାର୍ ବିସ୍ଫୋରଣରେ ଅନ୍ୟ କେତୋଟି ଯାନ ମଧ୍ୟ କ୍ଷତି ଗ୍ରସ୍ତ ହୋଇଛି । ଦିଲ୍ଲୀ ପୁଲିସ୍, ଏନ୍.ଆଇ.ଏ., ଏନ୍.ଏସ୍.ଜି. ଏବଂ ଫରେନ୍‌ସିକ୍ ଦଳ ଘଟଣାର ତଦନ୍ତ

କରୁଛନ୍ତି । ବିସ୍ଫୋରଣର କାରଣ ଖୁବ୍ ଶୀଘ୍ର ଜଣାପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

**V/O**

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ନେଇ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରିବେ ।

ଦିଲ୍ଲୀ ପୁଲିସ୍ କମିଶନ୍‌ର ସତୀଶ ଗୋଲ୍‌ଚା ପୂର୍ବରୁ ଦେଇଥିବା ସୂଚନା ଅନୁଯାୟୀ ମେଟ୍ରୋ ଷ୍ଟେସନ୍ ନିକଟବର୍ତ୍ତୀ ଅଞ୍ଚଳରେ ଧୀର ଗତିରେ ଯାଉଥିବା ଏକ ଗାଡ଼ି ଟ୍ରାଫିକ୍ ସିଗ୍‌ନାଲ୍ ନିକଟରେ ଅଟକି ଥିଲା ଏବଂ ଥିରେ ବିସ୍ଫୋରଣ ହୋଇଥିଲା । ଏ ନେଇ ଏକ ମାମଲା ରୁଜୁ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ବିସ୍ଫୋରଣ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପୃଥକ ପୃଥକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ପରିସ୍ଥିତିର ସମୀକ୍ଷା କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଶାହା ଗତକାଲି ଘଟଣା ସ୍ଥଳ ପରିଦର୍ଶନ କରିବା

ସହ ଏଲ୍.ଏନ୍.ଜେ.ପି. ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଆହତଙ୍କୁ ଭେଟିଛନ୍ତି । ହସ୍ପିଟାଲ୍‌ର ଅଧିକ୍ଷକ କହିଛନ୍ତି, ୧୫ ଜଣଙ୍କୁ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଅଣାଯାଇଥିଲା, ସେଥିରୁ ୮ ଜଣଙ୍କର ହସ୍ପିଟାଲ୍ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ୩ ଜଣଙ୍କର ଅବସ୍ଥା ଗୁରୁତର ରହିଛି ।

## ଦିଲ୍ଲୀ ବ୍ଲାଷ୍ଟ ଆମ୍ବାସଡ଼ର୍ସ୍

ଦିଲ୍ଲୀ ବିସ୍ଫୋରଣ ଘଟଣାରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ ସମବେଦନା ଜ୍ଞାପନ କରିଛନ୍ତି । ଜାପାନ୍ ରାଷ୍ଟ୍ରଦୂତ ଓନୋ କେଇଚି ଏହି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଭାରତରେ ଅବସ୍ଥାପିତ ବ୍ରିଟିଶ୍ ହାଇକମିଶନର ଲିଣ୍ଡି କାମେରୁନ୍ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଭାରତରେ ଥିବା ଆମେରିକୀୟ ଦୂତାବାସ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ଭାରତରେ ଥିବା ଆମେରିକୀୟ ନାଗରୀକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଆର୍ଜେଣ୍ଟିନା ରାଷ୍ଟ୍ରଦୂତ ମାରିଆନୋ କାଉସିନୋ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ବାଂଲାଦେଶର ଉଚ୍ଚାୟୁକ୍ତ ରିଆଜ ହମିଦୁଲ୍ଲା କହିଛନ୍ତି, ଏହି ଦୁଃଖଦ ସମୟରେ ବାଂଲାଦେଶ ଭାରତ ସହ ଛିଡ଼ା ହୋଇଛି ।  ଇରାନ୍ ଦୂତାବାସ ମଧ୍ୟ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛି ।

ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଏବଂ ମରକ୍କୋର ଦୂତାବାସ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

# ଜିଏସ୍‌ଟି ରିଫର୍ମସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଘୋଷିତ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ମୂଲ୍ୟ ହ୍ରାସ ପାଇଛି ।

ଏୟାର୍ କଣ୍ଡିସନର୍, ଡିସ୍ ୱାସର୍, ଟେଲିଭିଜନ୍ ଉପରେ ଜି.ଏସ୍.ଟି. ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ମନିଟର, ପ୍ରୋଜେକ୍ଟର ଉପରେ ମଧ୍ୟ ଟିକସ ୧୮ ପ୍ରତିଶତକୁ ହ୍ରାସ ପାଇଛି । ନବୀକରଣୀୟ ଶକ୍ତି ଉପକରଣ, ସୌର ପ୍ୟାନେଲ୍ ଏବଂ କମ୍ପୋଷ୍ଟିଂ ମେସିନ୍ ଉପରେ ଟିକସ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ଏହି ସଂସ୍କାର ଦେଶର ବଜାର ଚାହିଦାକୁ ବୃଦ୍ଧି କରିବା ସହ ଉତ୍ପାଦ କ୍ଷେତ୍ର, ନବସୃଜନ ଏବଂ ଷ୍ଟାଟସ୍ ଇକୋ ସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିଛି । ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଅଧିକ ତ୍ୱରାନ୍ୱିତ ହେବା ସହ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇଛି ।

# ବନ୍ଦେ ଭାରତ

ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଦେଶ ବ୍ୟାପି ପାଳନ କରାଯାଉଛି । ଭାରତୀୟଙ୍କୁ ଏକତ୍ରିତ କରିବା ଏବଂ ଦେଶ ପ୍ରୀତିର

ଭାବନାକୁ ଏକତ୍ରିତ କରିବାରେ ଏହି ଗୀତ ସର୍ବଦା ପ୍ରେରଣା ଯୋଗାଇ ଆସିଛି ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ପ୍ରଖ୍ୟାତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଓମ୍‌କାର ନାଥ ଠାକୁର ସଂସଦରେ ମଧ୍ୟରାତ୍ରରେ ବନ୍ଦେ ମାତରମ୍‌ର ପୂର୍ଣ୍ଣ ସଂସ୍କରଣ ଗାନ କରିଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ପଣ୍ଡିତ ଠାକୁରଙ୍କର ଏହି ଉପସ୍ଥାପନ ନୂତନ ସ୍ୱାଧୀନ ଭାରତର ପ୍ରଥମ ସଙ୍ଗୀତମୟ ହୃତ୍‌ସ୍ପନ୍ଦନ ହୋଇଥିଲା । ରେକର୍ଡ ମାଧ୍ୟମରେ ସଂଗୃହିତ ଏହି ଉପସ୍ଥାପନାର ସଂସ୍କରଣ ପରଦିନ ସକାଳ ସାଢ଼େ ୬ଟାରେ ଆକାଶବାଣୀରେ ପ୍ରସାରିତ ହୋଇଥିଲା । ସ୍ୱାଧୀନ ଭାରତରେ ପ୍ରଥମଥର ପାଇଁ ଏହି ଗୀତଟି ଗାନ କରାଯିବା ପରେ ଏକ ନୂତନ ଦିଗନ୍ତ ଉନ୍ମୋଚିତ ହୋଇଥିଲା । ଦଶନ୍ଧି ଧରି ବନ୍ଦେ ମାତରମ୍ ନୂତନ ସ୍ୱର, ନୂତନ ଭାବନା ନେଇ ଉପସ୍ଥାପିତ ହୋଇ ଆସିଛି ।